ଶନିବାର , ୨ ଡିସେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ







# ଖିଲି ଖିଲି ହସ

ରମେଶ – ରାଜୁ ଦେଖିଲୁ ବାହାରେ ସୂର୍ଯ୍ୟ ଦେଖାଯାଉଛନ୍ତି କି ?
ରାଜୁ: ବାହାରେ ତ ଅନ୍ଧାର, କିଛି ବି ଦେଖାଯାଉନି।
ଦୀପୁ କହିଲା– ଆରେ କାମ ଚୋର, ତୁ ଟର୍ଚ୍ଚ ମାରି ଦେଖୁନୁ ସୂର୍ଯ୍ୟ ଦେଖାଯିବେ।

କଞ୍ଜୁସ୍‌କୁ ଯେତେବେଳେ ଜୋର୍‌ରେ କରେଣ୍ଟ ଲାଗିଲା, ସେଠି ତାଙ୍କ ସ୍ତ୍ରୀ ଆସି କହିଲେ, ତୁମେ ଠିକ୍ ଅଛ ତ ? କଞ୍ଜୁସ୍ ସଙ୍ଗେ ସଙ୍ଗେ କହିଲା– ଫାଲତୁ କଥା ଛାଡ଼ି ମିଟର ଦେଖ କେତେ ୟୁନିଟ୍ ବଢ଼ିଲା।

ମଣ୍ଟୁ: ମା’ ମୁଁ କାଲି ସ୍କୁଲ ଯିବିନି ।
ମା’–କାହିଁକି ?
ମଣ୍ଟୁ: ମା,କାଲି ସ୍କୁଲ୍‌ରେ ଆମ ସମସ୍ତଙ୍କୁ ଓଜନ କଲେ,ଆଜି ପୁଣି ଓଜନ କଲେ !
ମା’– ତେବେ କ’ଣ ହେଲା ?
ମଣ୍ଟୁ: କେତେବେଳେ ବିକ୍ରି କରିଦେବେ କିଛି କହି ହେବନି।

## ଗପ



# ମ୍ୟାଜିକ୍ ପେନ୍

ଗୋଟିଏ ବୋଲି ପୁଅ ସାଇ। ଅତି ଗେହ୍ଲା କରନ୍ତି ବାପା ବୋଉ ଏବଂ ବୁଢ଼ୀ ମାଆ। ସମସ୍ତଙ୍କ ଗେହ୍ଲା ପାଇଁ ସେ ଭାରି ଚଗଲା ହୋଇଥିଲା। ସ୍କୁଲ ଏବଂ ଟିଉଶନ୍ ନିୟମିତ ଯାଏନି। କେତେବେଳେ ଘରେ ଟିଭି ଦେଖେ ତ କେବେ ବାହାରେ ବୁଲେ। ଏବେ ସେ ଅଷ୍ଟମ ଶ୍ରେଣୀରେ ପଢ଼ୁଛି। ତା’ର ଗୁଡ଼ି ଉଡ଼ାରେ ଭାରି ଆଗ୍ରହ। ରଙ୍ଗିନ କାଗଜ, ଗୁଆଳି କୋଳି ଅଠା, ବାଉଁଶ ପାତ ଓ ଗୁଲି ସୂତା ଆଦି ସଂଗ୍ରହ କରି ସୁନ୍ଦର ସୁନ୍ଦର ଗୁଡ଼ି ପ୍ରସ୍ତୁତ କରି ଉଡ଼ାଏ।

ଦିନେ ଗାଁରେ ଶିଶୁମାନଙ୍କୁ ନେଇ ଏକ ଗୁଡ଼ିଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଲା। ପ୍ରତିଯୋଗୀମାନେ ଗୁଡ଼ି, ସୂତା ଓ ନଟେଇ ଧରି ଉପସ୍ଥିତ ହେଲେ, ସେମାନଙ୍କ ମଧ୍ୟରେ ସାଇ ମଧ୍ୟ ଥିଲା। ପ୍ରତିଯୋଗିତାରେ ଅନ୍ୟ ପ୍ରତିଯୋଗୀଙ୍କ ବାପା ଓ ବଡ଼ ଭାଇମାନେ ଗୁଡ଼ି ଉଡ଼ାରେ ସାହାଯ୍ୟ କରିଥିବାରୁ ସେମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କଲେ। ମାତ୍ର ସାଇ ଭଳି ଅନ୍ୟ କେତେକ ପିଲାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦେବା ପାଇଁ ସ୍ଥିର ହେଲା।

କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ଦିଆଗଲା। ଜଣେ ସ୍ଥାନୀୟ ବଡ଼ ଅଫିସରଙ୍କୁ ମାନପତ୍ର ପ୍ରଦାନ ପାଇଁ ଅତିଥିଭାବେ ଡକା ହୋଇଥିଲା। ମାତ୍ର ସାଇକୁ ଉପହାର ଦେବା ଲାଗି ଡକାଯିବା ବେଳକୁ ତା’ ପାଇଁ ଥିଲା କେବଳ ମାନପତ୍ର, କାରଣ ଉପହାର ସରିଯାଇଥିଲା। ମାନପତ୍ର ପ୍ରଦାନ କରୁଥିବା ଅଫିସର ଜଣକ ସାଇର ମନଦୁଃଖ ନ ହେବା ପାଇଁ ନିଜ ପାଖରେ ଥିବା ପେନ୍‌ଟିକୁ ଉପହାର ଦେଇଥିଲେ।

ଘରେ ସାଇ ରାତିରେ ବାପାଙ୍କୁ ମାନପତ୍ର ସହ ପେନ୍ ଦେଖାଇ କହିଲା, ଅନ୍ୟ ପିଲାଙ୍କ ପରି ଯଦି ତା’ ବାପା ସାହାଯ୍ୟ କରିଥା’ନ୍ତେ ତା’ହେଲେ ସେ ପ୍ରଥମ ହୋଇ ପାରିଥା’ନ୍ତା। ବାପା କହିଲେ– “ବୁଝିଲୁ ସାଇ, ଜୀବନରେ ଅନେକ ପ୍ରତିଯୋଗିତା ଆସିବ। ବାପା ବୋଉ ସବୁଦିନେ ନ ଥିବେ, ନିଜେ ପ୍ରତିଯୋଗିତା ଯୁଦ୍ଧରେ ଲଢ଼ିବାକୁ ଚେଷ୍ଟା କର। ବିଫଳତା ହିଁ ସଫଳତାର ଚାବିକାଠି। ଯେଉଁ ଅଫିସର ଜଣଙ୍କ ନିଜ ପକେଟ୍‌ରୁ ପେନ୍‌ଟି ତତେ ଦେଲେ ତୁ ବଡ଼ ହୋଇ ତାଙ୍କ ପରି ହେବାକୁ ଚେଷ୍ଟାକର। ଏହା ସାଧାରଣ ପେନ୍ ନୁହେଁ ଏହା ତୋ ପ୍ରତି ଆଶୀର୍ବାଦ।”

ବାପାଙ୍କ କଥାରେ ସାଇର ମନ ବଦଳିଗଲା। ସେ ପାଠପଢ଼ାରେ ମନ ଦେଲା। ଗୁରୁଜନଙ୍କ କଥା ମାନିଲା। ସ୍କୁଲ୍ ଏବଂ ଟିଉଶନ୍ ନିୟମିତ ଗଲା। ପରୀକ୍ଷାରେ ଭଲ ନମ୍ବର ରଖିଲା। ବଡ଼ ହୋଇ ସେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଦେଲା ଏବଂ ସେଥିରେ କୃତକାର୍ଯ୍ୟ ହେଲା। ସାଇର ଫଟୋ ଟିଭି ଓ ଖବରକାଗଜରେ ବାହାରିଲା। ସାଇର ଏହି ବଡ଼ ସଫଳତା ପଛର ପ୍ରକୃତ କାରଣ ପଚାରିବାରୁ ସେ କହିଲା– ‘ପ୍ରତି ସଫଳତା ପଛରେ ପରିଶ୍ରମ, ଧୈର୍ଯ୍ୟ ସହ ନିରନ୍ତର ଚେଷ୍ଟା ଜରୁରୀ। ତେବେ ମୋ ପାଇଁ ପ୍ରେରଣା ସାଜିଛି ମୋ ପାଖରେ ଥିବା ଏହି ପେନ୍। ଏହା ସାଧାରଣ ପେନ୍ ନୁହେଁ ଏହା ମୋ ପାଇଁ ମ୍ୟାଜିକ୍ ପେନ୍।

– **କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ: ୭୮୭୩୫୧୦୦୨୭

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବରଫ ଅଣ୍ଡା



ବରଫ ବି ଅଣ୍ଡା ଦିଏ। କଥାଟା ଶୁଣିବାକୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ଏହା ଏକ ଦୁର୍ଲଭ ପ୍ରାକୃତିକ ପ୍ରକ୍ରିୟା। ପ୍ରକୃତି ଆପେ ଆପେ ତିଆରି କରିଥାଏ ବରଫ ଅଣ୍ଡା। ସମୁଦ୍ର ପାଣିରୁ ହିଁ ଏହା ତିଆରି ହୋଇଥାଏ। ତାପମାତ୍ରା କମ୍ ହୋଇଗଲେ ଅନେକ ସମୟରେ ସମୁଦ୍ର ପାଣିର ଉପରିଭାଗ ବରଫ ଖଣ୍ଡରେ ପରିଣତ ହୋଇଯାଏ। ଆଉ ସମୁଦ୍ର ଲହଡ଼ିରେ ଏହି ବରଫଖଣ୍ଡ ସବୁ ପରସ୍ପର ସହିତ ମାଡ଼ ହୋଇ ଖଣ୍ଡ ଖଣ୍ଡ ହୋଇଯାଏ। ବରଫଖଣ୍ଡ ସବୁ ଲହଡ଼ିରେ ଏପରି ମାଡ଼ ହୁଏ ଯେ ପ୍ରାକୃତିକଭାବେ ତାହା ଅଣ୍ଡା ଆକାରର ହୋଇଯାଏ। କିଛି ବରଫଖଣ୍ଡ ମଧ୍ୟ ଫୁଟବଲ ଭଳି ବଡ଼ ହୋଇଥାଏ ଏବଂ ଏସବୁ ସମୁଦ୍ର କୂଳରେ ଅନେକ ବାଟ ଯାଏ ଲାଗି ରହିଥାଏ। ଆଉ ପ୍ରକୃତିର ଏହି ରୂପ ବେଶ୍ ଆକର୍ଷଣୀୟ।

ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ହିଁ ଏହି ବରଫ ଅଣ୍ଡା ସୃଷ୍ଟି ହୁଏ। ତେବେ ଆମେରିକାର ସାଇବେରିଆରେ ଥିବା ସମୁଦ୍ର ଉପକୂଳରେ ଏହି ବରଫ ଅଣ୍ଡା ବର୍ଷକୁ ଥରେ ସୃଷ୍ଟି ହୋଇଥାଏ। ଏଠାରେ ତାପମାତ୍ରା ଯେତେବେଳେ ମାଇନସ୍ ୧୫ରୁ ୨୦ ଡିଗ୍ରୀ ରହିଥାଏ ସେତେବେଳେ ସୃଷ୍ଟି ହୁଏ ବରଫ ଅଣ୍ଡା।

# ମତାମତ

❖ ଗତ ସପ୍ତାହରେ ‘ଆଇନା’ ସ୍ତମ୍ଭରେ ପ୍ରକାଶିତ ଚନ୍ଦ୍ରକାନ୍ତା ଦେବାଂଶୀଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।
**– ଶୁଭଶ୍ରୀ ସାହୁ, ମାଲକାନଗିରି**

❖ ଗତଥର ପୃଷ୍ଠା-୨ରେ ପ୍ରକାଶିତ ‘ଖେଳଣା ହସ୍ପିଟାଲ’ ପାଠଟି ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।
**– ସୁଶାନ୍ତ କୁମାର ପାଣି, ମହାକାଳପଡ଼ା, କେନ୍ଦ୍ରାପଡ଼ା**


❖ ‘ଜଣା ଅଜଣା’ ସ୍ତମ୍ଭରେ ପ୍ରକାଶିତ ‘ବୃକ୍ଷ ଜଗତର ରାଜା ଅଁଳା’ ପାଠଟିରୁ ଅଁଳା ବିଷୟରେ କିଛି ନୂଆ କଥା ଜାଣିବାକୁ ପାଇଲି।
**– ପ୍ରକାଶ ସାମଲ, ନୟାଗଡ଼**

❖ ‘ଗଳ୍ପ’ ସ୍ତମ୍ଭରେ ପ୍ରକାଶିତ ‘ଗୁଣିଆକୁ ନିଆଁଭୂତ’ର ଉପସ୍ଥାପନା ସୁନ୍ଦର ହୋଇଛି।
**– ରଞ୍ଜନ ନାୟକ, ପାଣ୍ଡରା, ଭୁବନେଶ୍ୱର**

## ତୁମ ପଢ଼ିବା ପାଇଁ

# ମୋ ଆଶା

ତ୍ରୈମାସିକ ଶିଶୁ-କିଶୋର ପତ୍ରିକା ‘ମୋ ଆଶା’ର ପୂଜା ସଂଖ୍ୟା (ଅକ୍ଟୋବର-ଡିସେମ୍ବର) ହସ୍ତଗତ ହୋଇଛି। ଏହି ସଂଖ୍ୟାରେ ସ୍ଥାନିତ ହୋଇଛି ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି ଠାକୁରାଣୀ, ଆ ଶତର ଆ’, ମା’ ଆସୁଛନ୍ତି, ଲୁଣିଆ ଭୂତ, ଟୁଆଁଟୁଇଁ, ରାଜକବି ହେଲେ ଯଦୁମଣି, ଜହ୍ନରେ ଘର ଏବଂ ପଢ଼ିବାର ନିଶା ଆଦି ବିଷୟ। ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ସଚିତ୍ର ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ : ମୋ ଆଶା, ଲିଟିଲ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬।




## ରଙ୍ଗ ଦିଅ



# ହାଇପର ଆକ୍ଟିଭ



ଶିଶୁଟିଏ ଜନ୍ମ ନେବା ପରେ ତାହାର ଠିକ୍ ଭାବରେ ଯତ୍ନ ନେବାକୁ ପଡ଼େ। କିନ୍ତୁ କେତେକଙ୍କଠାରେ ଜନ୍ମଗତ ପୁଣି ବୟସ ବଢ଼ିବା ସହ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଏଗୁଡ଼ିକ ବିଷୟରେ ଅବଗତ ହେବା ପରେ ତାହାର ତୁରନ୍ତ ଚିକିତ୍ସା କରାଇ ନେବା ଦରକାର। ଯଦି ଆପଣଙ୍କ ପିଲା ହାଇପର ଆକ୍ଟିଭ, ତେବେ ତାହାର ଉପଚାର ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏଭଳି ପିଲାଙ୍କ ଚାଲିଚଳନ ଅନ୍ୟମାନଙ୍କଠାରୁ ଭିନ୍ନ। ଏହାକୁ ଡାକ୍ତରୀ ଭାଷାରେ 'ଆଟେନସନ୍ ଡେଫିସିଟି ହାଇପର ଆକ୍ଟିଭିଟି ଡିଜ୍‌ଅର୍ଡର' ବା 'ଏଡିଏଚ୍‌ଡି' କୁହାଯାଏ। ଏଭଳି ପିଲାଙ୍କୁ ଲାଳନପାଳନ କରିବା ସହଜ କଥା ନୁହେଁ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ଏ ସମ୍ପର୍କରେ ସବିଶେଷ ବୁଝିନେବା ଦରକାର।

## ଏଡିଏଚ୍‌ଡି କ'ଣ

ଏଭଳି ସମସ୍ୟା ସହ ଜଡ଼ିତ ପିଲାମାନେ ସେମାନଙ୍କର ବୟସ ଅନୁପାତରେ ଅତ୍ୟଧିକ ଆକ୍ଟିଭ୍ ହୋଇଥାନ୍ତି। ପିଲାଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ପାଇଲେ ତାହାକୁ ଅବହେଳା କରିବା ଠିକ୍ ନୁହେଁ। ଯଦି ପିଲାଟିକୁ ବାରମ୍ବାର ଡାକିଲେ ନ ଶୁଣିଲା କିମ୍ବା ଆପଣଙ୍କ ଆଡ଼କୁ ଚାହିଁଲା ନାହିଁ, ତେବେ ଏହାର ତୁରନ୍ତ ଚିକିତ୍ସା କରାଇନେବା ଦରକାର। କାରଣ ଏହା ହେଉଛି ଏକ ପ୍ରକାର ରୋଗ। ଯଦି ଏଭଳି ସ୍ୱାସ୍ଥ୍ୟ ସମସ୍ୟା କାୟା ବିସ୍ତାର କଲା, ତେବେ ପିଲାଟିର ଭବିଷ୍ୟତ ସମସ୍ୟା ଭିତରକୁ ଠେଲି ହୋଇ ଯିବାର ଆଶଙ୍କା ରହିଛି।

## ସହନଶୀଳ ହୁଅନ୍ତୁ

ଏଭଳି ପିଲାମାନଙ୍କ ପ୍ରତି ମା'ବାପା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ସହନଶୀଳତା ଅବଲମ୍ବନ କରିବା ଦରକାର। ପିଲାଟି ଉପରେ ଚିଡ଼ନ୍ତୁ ନାହିଁ। ପିଲାଙ୍କୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଘରର ବାତାବରଣକୁ ଶାନ୍ତିପୂର୍ଣ୍ଣ ରଖିବାକୁ ଚେଷ୍ଟା କରନ୍ତୁ। କାରଣ କୌଣସି ଉତ୍ତେଜକ ଘଟଣା ଦେଖିଲେ ସେମାନଙ୍କର ମସ୍ତିଷ୍କ ଆନ୍ଦୋଳିତ ହୋଇଉଠେ। ତାହାକୁ ଆଧାର କରି ସେମାନେ ହଠାତ୍ କିଛି ଭୁଲ୍ କରିବସନ୍ତି। କାରଣ ସେମାନେ ସେହି କାମର ଭଲ ମନ୍ଦ ବିଷୟରେ ଅବଗତ ନ ଥା'ନ୍ତି। ତେଣୁ ସବୁବେଳେ ଏଭଳି ପିଲାଙ୍କ ପାଖେ ପାଖେ ରୁହନ୍ତୁ। ଘରର ପରିବେଶକୁ ଯେତେ ଶାନ୍ତ ରଖିବେ ତାହା ସେମାନଙ୍କ ପାଇଁ ଭଲ ଯାହାର ସକାରାତ୍ମକ ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡ଼ିଥାଏ।

## ସହଯୋଗ

ଏଡିଏଚ୍‌ଡି ସମସ୍ୟା ସହ ଜଡ଼ିତ ପିଲାଟି ଯଦି କିଛି ଭଲ କାମ କରୁଛି, ତେବେ ତାହାକୁ ଉତ୍ସାହିତ କରନ୍ତୁ। କିନ୍ତୁ ସେହି ସମୟରେ ପିଲାଟି ପାଖରେ ରୁହନ୍ତୁ। କାରଣ ହୁଏତ କିଛି ସମୟ ପରେ ତାହାର ମନୋଭାବ ବଦଳି ଯାଇପାରେ। ପିଲାଟିର ମାନସିକତା ସକାରାତ୍ମକ ରହିଲେ ତାହା ତା' ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥାଏ। ତେଣୁ ସବୁବେଳେ ଏଭଳି ପିଲାଙ୍କୁ ସହଯୋଗର ହାତ ବଢ଼ାନ୍ତୁ। ଯଦି ସେମାନେ କିଛି ଭଲ କାମ କରୁଛନ୍ତି ତାହାକୁ ପ୍ରଶଂସା କରିବା ସହ ଉତ୍ସାହିତ କରନ୍ତୁ।

## ପୁରସ୍କାର


ହାଇପର ଆକ୍ଟିଭ ପିଲାକୁ କିଛି ପୁରସ୍କାର ଦେବାପରେ ତାଙ୍କର ମନୋଭାବ କିପରି ରହୁଛି ତାହାକୁ ଲକ୍ଷ୍ୟ କରନ୍ତୁ। ଯଦି ଏହାଦ୍ୱାରା ସେମାନଙ୍କର ମନୋଭାବରେ ପରିବର୍ତ୍ତନ ହେଲା, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କୁ କିଛି ପୁରସ୍କାର ଦିଅନ୍ତୁ। ସେମାନେ କରୁଥିବା ଭଲ କାମକୁ ପ୍ରଶଂସା କରନ୍ତୁ। ଏହାଦ୍ୱାରା ସେମାନଙ୍କର ମନୋଭାବରେ ପରିବର୍ତ୍ତନ ଆସିପାରେ।

## ଖେଳିବାକୁ ଦିଅନ୍ତୁ

ପିଲାଟି କୌଣସି କାମ କରିବା ସହ ଯଦି ଖେଳିବାକୁ ଚାହୁଁଛି, ତେବେ ତାକୁ ବାରଣ କରନ୍ତୁ ନାହିଁ। କିନ୍ତୁ ତାହାର ଆଚାର ବ୍ୟବହାର କିପରି ରହୁଛି ତାହାକୁ ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ପିଲାଟି ଯଦି ଚୁପ୍‌ଚାପ୍ ବସି ରହେ, ତେବେ ହୁଏତ ତା' ମନରେ ନକାରାତ୍ମକ ଭାବନା ଜାଗ୍ରତ ହେବାର ଯଥେଷ୍ଟ ଆଶଙ୍କା ରହିଛି। କୌଣସି କାମ କରିବା ବେଳେ ତାହାର ମନୋଭାବକୁ ଲକ୍ଷ୍ୟ କରନ୍ତୁ। ଯଦି ସେଥିରେ ପରିବର୍ତ୍ତନ ଆସୁଛି ଏବଂ ପିଲାଟି ଅଧିକାଂଶ ସମୟ ସାଧାରଣ ପିଲା ପରି ବ୍ୟବହାର କରୁଛି ତେବେ ଭଲ କଥା। କେଉଁ ଖେଳ ପ୍ରତି ତାହାର ଆଗ୍ରହ ରହିଛି ତାକୁ ପଚାରନ୍ତୁ। ପିଲାଟି ଖେଳିବା ସମୟରେ ତା' ପାଖରେ ରୁହନ୍ତୁ। କାରଣ ତାହାର ମାନସିକ ସ୍ଥିତି ସାଧାରଣ ନୁହେଁ। ପିଲାଟି ଯଦି ମନ ଲଗାଇ ଖେଳୁଛି କିମ୍ବା କୌଣସି କାମ କରୁଛି ତାହାକୁ ଲକ୍ଷ୍ୟ ରଖି ଉତ୍ସାହିତ କରନ୍ତୁ।



## ଠିକ୍ ସମୟରେ ଚିକିତ୍ସା କରାଇ ନେବା ଦରକାର




ଯଦି ଜଣେ ପିଲା ବୟସ ଅନୁପାତରେ ଅଧିକ ଆକ୍ଟିଭ ହୁଅନ୍ତି, ତେବେ ସେଭଳି ସମସ୍ୟାକୁ 'ହାଇପର ଆକ୍ଟିଭ' କୁହାଯାଏ। ଏହା ହେଉଛି ଅଟିଜିମ୍‌ର ପ୍ରାରମ୍ଭିକ ସୋପାନ। ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ ମଧ୍ୟ କରାଯାଇପାରିବ। କିନ୍ତୁ ପ୍ରାରମ୍ଭରୁ ଡେଭ୍‌ଲପ୍‌ମେଣ୍ଟାଲ ପେଡିଆଟ୍ରିକ୍‌ସ ବିଭାଗରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଦରକାର। ସେହି ଡିପାର୍ଟମେଣ୍ଟରେ ନ୍ୟୁରୋ ପେଡିଆଟ୍ରିକ୍ସ ଏବଂ ବ୍ରେନ୍ ପେଡିଆଟ୍ରିକ୍ସ ବିଶେଷଜ୍ଞ ଏହାର କାରଣକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରି ଚିକିତ୍ସା କରିଥାଆନ୍ତି। ଏହି ସମୟରେ ବିଭିନ୍ନ ପ୍ରକାର ଥେରାପିର ପ୍ରୟୋଗ କରାଯାଏ ଏବଂ ତା'ସହ ପିଲାଟିର ମା'ବାପାଙ୍କୁ ମଧ୍ୟ କାଉନ୍‌ସେଲିଂ କରାଯାଏ। ହେଲେ ଏଭଳି ଚିକିତ୍ସା ସମୟରେ ଧୈର୍ଯ୍ୟର ଆବଶ୍ୟକତା ରହିଛି। କାରଣ ହାଇପର ଆକ୍ଟିଭ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ଦୀର୍ଘକାଳୀନ ହୋଇଥାଏ।

**–ଡା. ନୀଳମାଧବ ଜେନା,** ସଭାପତି, ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍‌ସ, ଓଡ଼ିଶା ଶାଖା



୧



୨




୩



୪



୫



୬



୭



**ଅଭୀଲିପ୍ସା ରାଉତ**
କ୍ଲାସ୍- ୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ ଦାମୋଦରପୁର, ମଙ୍ଗଳପୁର, ଯାଜପୁର

୧



**ମହାଶ୍ୱେତା ସାହୁ**
କ୍ଲାସ୍- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶମାଇଲ, ବରଗଡ଼

୨



**ଅମ୍ରିତ ସାହୁ**
କ୍ଲାସ୍-୩, ଚନ୍ଦନ ମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ

୩



**ରିୟାନ୍ସ ପଣ୍ଡା**
କ୍ଲାସ୍-୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବେଙ୍ଗାଲୁରୁ

୪




**ଶ୍ରେୟା ସୁମନ ଭୁଜବଳ**
କ୍ଲାସ୍- ୨, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୫



**ପ୍ରିୟରଞ୍ଜନ ବେହେରା**
କ୍ଲାସ୍- ୬, ଡିଏଭି ପବ୍ଲିକ ସ୍କୁଲ, ଭଞ୍ଜନଗର, ଗଞ୍ଜାମ

୬



**ତନିଶା ଓଝା**
କ୍ଲାସ୍-୩, ଡିଏଭି ସ୍କୁଲ, ଝାରସୁଗୁଡ଼ା

୭



## ଶୀତ ମାଉସୀ

**ଶୀ**ତ ମାଉସୀ ଲୋ ଶୀତ ମାଉସୀ
କୁନାକୁ ଟିକିଏ ଦେ ଆଉଁସି ।
କୁନା ତ ଶୋଇଛି ମା’ କୋଳରେ
ଉଷୁମ ଟାଣି ସେ ଘୁଙ୍ଗୁଡ଼ି ମାରେ ।
ସ୍ୱେଟର ଟୋପି ମୁଣ୍ଡରେ ନାଇ
ବିଦ୍ୟାଳୟକୁ ସେ ଯାଏ ତ ଧାଇଁ ।
କଅଁଳ ଖରାରେ କୁନା ଯେ ବସେ
ଗେଣ୍ଡୁଫୁଲ ଦେଖି ମନକୁ ହସେ ।
ବାପାଙ୍କ ସାଙ୍ଗରେ ହାଟକୁ ଯାଏ
ଗରମ ବରାକୁ ପକୁଡ଼ି ଖାଏ ।
ସଞ୍ଜ ହଉ ହଉ ଚୁଲି ନିଆଁରେ
ସେକି ହୁଏ ବସି ମା’ ପାଖରେ ।
ଚଦର ଘୋଡ଼େଇ ପଢ଼ି ସେ ବସେ
ପାଠ ପଢୁ ପଢୁ ନିଦ ତ ଆସେ ।

**– ଅନୁଲିପ୍ତା ମିଶ୍ର**
ମହିଳୋ, ଜଗତ୍‌ସିଂହପୁର
ମୋ: ୯୯୩୮୪୦୦୨୦୫

## କ ବି ତା

## କନ୍ୟାରତ୍ନ

**ମା**ତୃ ଭଗ୍ନୀ କାୟା ଜାୟା ରୂପ ପୁଣି
ଆଦିଶକ୍ତି ସୃଷ୍ଟି ରୂପ ନେଇ
ମାତାପିତା ହେବା ସୌଭାଗ୍ୟ ଦେଇଛୁ
ଆସିଛୁ ଅନନ୍ୟା ଶିଶୁ ହୋଇ ।
ପ୍ରଚଣ୍ଡ ପ୍ରଳୟ ମଧ୍ୟରେ ସହିଷ୍ଣୁ
ମରୁଭୂମି ପାଇଁ ବର୍ଷା ତୁହି
ସନ୍ଧ୍ୟା ଆଳତିର ସୁଗନ୍ଧ କର୍ପୂର
ପୂଜା ପାଇଁ ଲୋଡ଼ା ଫୁଲ ତୁହି ।
ଶୁଷ୍କ ଜଙ୍ଗଲରେ ବୃଷ୍ଟିପାତ ରାଶି
ସଙ୍ଗୀତ ସ୍ୱର ସାଧନା ତୁହି
ତୋ’ ବିନା ଅଚଳ ଛୋଟ ଏ ସଂସାର
ସବୁ ମିଳେ ପାଶେ ଥିଲେ ତୁହି ।

**– ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଜହ୍ନମାମୁ




**ସ**ରଗ ରାଇଜେ ଖିଲିଖିଲି ହୋଇ
ସଦା ହସୁଥାଏ ଯିଏ
ପିଲାଠାରୁ ବୁଢ଼ା ସଭିଙ୍କ ଆଦର
ଆମ ଜହ୍ନମାମୁ ସିଏ ।
ମାଆ କୋଳେ ଶିଶୁ ଆନନ୍ଦେ ଖେଳଇ
ନେଲେ ଜହ୍ନମାମୁ ନାମ
ଅଝଟ ନ ହୋଇ ଆପେ ବୁଝିଯାଏ
ହୃଦୟୁ ଝରାଇ ପ୍ରେମ ।
ଜହ୍ନମାମୁ ଖେଳେ ଲୁଚକାଳି ଖେଳ
ଆକାଶର ବକ୍ଷ ଚିରି
ଦେଖିଦେଲେ ତାକୁ ହସିଦିଏ ଶିଶୁ
ମୁଖେ ପ୍ରସନ୍ନତା ଭରି ।
ଅନ୍ଧାର ଦୁନିଆ ଆଲୋକ ସେ କରେ
ଚେଇଁ ରହି ସାରା ରାତି
କୋମଳ ଛୁଆଁରେ ଶୀତଳତା ଭରି
ଆନମନା କରେ ମତି ।
ଜହ୍ନମାମୁ ଗାଏ ତାରା ମେଳେ ଗୀତ
ଜ୍ୟୋତିର ପସରା ମେଲି
ଆକାଶ କୋଳରେ ମଧୁର ମୂର୍ଚ୍ଛନା
ଝରି ପଡୁଥାଏ ଖାଲି ।

**– ରାମଚନ୍ଦ୍ର ପ୍ରଧାନ**
ସାନ୍ତରାପଲ୍ଲୀ ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ସବୁଠୁ ଛୋଟ ଚାମଚ



**ମା**ତ୍ର ୦.୦୬ ଇଞ୍ଚର କାଠ ଚାମଚ । ଏତେ ଛୋଟ ଚାମଚ ହୁଏତ କେହି ଦେଖି ନ ଥିବେ । କିନ୍ତୁ ଏପରି ଏକ ଚାମଚ ତିଆରି କରିଛନ୍ତି ବିହାରର ଶଶିକାନ୍ତ ପ୍ରଜାପତି । ୨୫ ବର୍ଷୀୟ ଏହି ଯୁବକଜଣକ କାଠରେ ସବୁଠାରୁ ଛୋଟ ଚାମଚ ତିଆରି କରି ବିରଳ କାମ କରିଛନ୍ତି । ଏଥିପାଇଁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ।

କାଠରେ ଚାମଚ ତିଆରି କରିବା ଯଦିଓ କଷ୍ଟକର କାମ ନୁହେଁ, କିନ୍ତୁ ଅତି ଛୋଟ ଚାମଚ ତିଆରି କରିବା ନିଶ୍ଚିତ କଷ୍ଟକର । ତେବେ ବାରମ୍ବାର ପ୍ରୟାସ କରିବା ପରେ ଶେଷରେ ସଫଳ ହୋଇଛନ୍ତି ଶଶିକାନ୍ତ । ତେଣୁ କୌଣସି କାମ କରିବା ପାଇଁ କେବଳ ନିଷ୍ଠା ଦରକାର ବୋଲି ସେ କହିଛନ୍ତି । ତାଙ୍କ ଦ୍ୱାରା ତିଆରି ଏହି ଚାମଚଟି ଏବେ ବିଶ୍ୱର ସବୁଠାରୁ ଛୋଟ କାଠ ଚାମଚ ହୋଇପାରିଛି ।

ଏହି ଚାମଚ ତିଆରି କରିବା ପରେ ଶଶିକାନ୍ତ ଅନ୍ୟ ଜଣେ ଭାରତୀୟ ନବରତନ ପ୍ରଜାପତିଙ୍କ ରେକର୍ଡକୁ ଭାଙ୍ଗିଛନ୍ତି । ନବରତନ ୨୦୨୨ ମସିହାରେ ୦.୦୭ ଇଞ୍ଚର ଏକ କାଠ ଚାମଚ ତିଆରି କରି ଏହା ପୂର୍ବରୁ ଗିନିଜ୍ ରେକର୍ଡ ଅଧିକାରୀ ଥିଲେ ।

## ଏଥର ର

- ସର୍ବାଧିକ ଜନବହୁଳ ଦେଶ ?
- ସର୍ବନିମ୍ନ ଜନବହୁଳ ଦେଶ ?
- ସୌର ପରିବାରର ପଞ୍ଚମ ବୃହତ୍ତମ ଗ୍ରହ କିଏ ?
- ପୃଥିବୀର ଉପଗ୍ରହର ନାମ ?
- ପୃଥିବୀର ନିକଟତମ ଗ୍ରହ ?

## ଉ ତ୍ତ ର

## ଗତଥର ର

- ୧୯୬୯
- ୧୯୫୨
- କ୍ଲେମେଣ୍ଟ ଆଟ୍ଲି
- ଏମ୍.ଏସ୍. ସ୍ୱାମୀନାଥନ୍
- ୧୯୬୬



## କହିଲ ଦେଖି



ଗଣିତ ଶିକ୍ଷକ ଭାରି ଚାଲାକ
ପିଲାଙ୍କ ବୁଦ୍ଧିର ସେ ନିରୀକ୍ଷକ,
ଏକ ଓ ଆଠକୁ ଦେଲେ ସେ ଲେଖି
ପୂରଣ ବାଚକ କୁହ ହେ ଦେଖି,
ଦୁଇ ଶବଦକୁ କରି ଏକାଠି
କହିକେ ପାରିବ ପରବ ଗୋଟି,
ପରବର ନାମ ଯିଏ କହିବ
ମାମୁଘର ମିଠା ସିଏ ଖାଇବ ।

ଉତ୍ତର: **ପ୍ରଥମାଷ୍ଟମୀ**



ଚାଉଳ ଚୂନା ଓ ବିରି ମିଶାଇ
କରି ବହଳିଆ ପାଣିକୁ ଦେଇ,
ଓଡ଼ିଆଙ୍କ ଖାଦ୍ୟ ଭାରି ବଢ଼ିଆ
ମିଶେ ଯେବେ ତା’ରେ ଛେନା ନଡ଼ିଆ ।
ପିଠାକୁ ସିଝାଇ ଜଳ ବାମ୍ପରେ
ଗରମ ଗରମ ଖାଅ ଖୁସିରେ ।
ପିଠାଟିର ନାମ ଯିଏ କହିବ
ପଢୁଆଁ ପରବେ ସିଏ ଖାଇବ ।

ଉତ୍ତର: **ଏଣ୍ଡୁରି ପିଠା**



ମଗୁଶିର ମାସ ଅଷ୍ଟମ ଦିନେ
ପିଲାଏ ନାଚନ୍ତି ଆନନ୍ଦ ମନେ,
ନୂଆ ବସ୍ତ୍ର ମିଠା ଆଣିବେ ବନ୍ଧୁ
ସରାଗେ ବୋଲାନ୍ତି ଅଷ୍ଟମୀ ବନ୍ଧୁ,
ପିଲାଙ୍କର କିସ ହୋଇବେ ସିଏ
କହିଲେ ଖାଇବ ଏଣ୍ଡୁରିଟିଏ ।

ଉତ୍ତର: **ମାମୁ**



ପତର ପରି ସେ ପତର ଟିଏ
ଅଷ୍ଟମୀ ପରବେ ଆଦର ଥାଏ,
ବାସ ଛାଡ଼ିଯାଏ ସିଝା ପିଠାରେ
ପାଟି ସୁଆଦିଆ ତା’ ମହକରେ,
ରଙ୍ଗର ନାମକୁ ଧରିଛି ସିଏ
ନୁହେଁ ସେ ରଙ୍ଗିନ ଶାଗୁଆଟିଏ,
ତା’ର ନାମଟିକୁ କହିବ ଯିଏ
ସିଝା ପିଠାଟିଏ ଖାଇବ ସିଏ ।

ଉତ୍ତର: **ହଳଦୀପତ୍ର**

**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬




# ପକ୍ଷୀ ଅଭୟାରଣ୍ୟ

ପି ଲାଏ !
ପକ୍ଷୀମାନଙ୍କୁ ଦେଖିବାକୁ ବେଶ୍ ଭଲ ଲାଗେ । ଚିଡ଼ିଆଖାନାରେ ସେମାନଙ୍କର କିଚିରିମିଚିରି ଶବ୍ଦ ମନକୁ ଆମୋଦିତ କରିଥାଏ। ତେବେ ଆମ ଦେଶର ବିଭିନ୍ନ ରାଜ୍ୟରେ ପକ୍ଷୀ ଅଭୟାରଣ୍ୟ ରହିଛି। ତନ୍ମଧ୍ୟରୁ ଗୋଟିଏ ହେଲା ରାଜସ୍ଥାନରେ ଥିବା 'ଭରତପୁର ପକ୍ଷୀ ଅଭୟାରଣ୍ୟ'। ୨୮ ବର୍ଗ କି.ମି ପରିମିତ ସ୍ଥାନରେ ଏହା ଅବସ୍ଥିତ। ଏଠାରେ ପ୍ରାୟ ୩୬୦ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାଆନ୍ତି। ରାଜସ୍ଥାନରେ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ଏହାକୁ ଗଣନା କରାଯାଇଥାଏ। ପିଲାଏ! ତୁମେମାନେ ତ ଚିଲିକା ନିଶ୍ଚୟ ଯାଇଥିବ। ଏଠାରେ ରହିଛି ଚିଲିକା ହ୍ରଦ ପକ୍ଷୀ ଅଭୟାରଣ୍ୟ। ଦେଶ ବିଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କର ସମାଗମ ଏଠି ହୋଇଥାଏ। ରୁଷିଆ, ମଙ୍ଗୋଲିଆ, କାସ୍ପିଆନ୍ ସାଗର, ଲଦାଖ, ହିମାଳୟ ଆଦିରୁ ପ୍ରାୟ ୨୬୦ ପ୍ରଜାତିର ପକ୍ଷୀ ଚିଲିକାକୁ ଆସିଥାଆନ୍ତି। ହରିୟାଣାରେ ଅବସ୍ଥିତ ସୁଲତାନପୁର ପକ୍ଷୀ ଅଭୟାରଣ୍ୟ ହେଉଛି ଆମ ଦେଶର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ। ୧.୪୩ ବର୍ଗ କିମି ଅଞ୍ଚଳରେ ଅବସ୍ଥିତ ଏହି ଅଭୟାରଣ୍ୟରେ ପ୍ରାୟ ୨୫୦ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳନ୍ତି। ନଲ୍ ସରୋବର ପକ୍ଷୀ ଅଭୟାରଣ୍ୟକୁ ଆମ ଦେଶର ସର୍ବବୃହତ୍ ପକ୍ଷୀ ଅଭୟାରଣ୍ୟ ଭାବରେ ଗଣନା କରାଯାଏ। ୧୨୦ ବର୍ଗ କିମି ସ୍ଥାନ ବିଶିଷ୍ଟ ଏହି ଅଭୟାରଣ୍ୟକୁ ବିଶେଷ ଭାବରେ ବସନ୍ତ ଏବଂ ଶୀତଋତୁରେ ପ୍ରଚୁର ପକ୍ଷୀ ଆସିଥାଆନ୍ତି। ଏଠାରେ ପ୍ରାୟ ୨୫୦ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି। ଏଗୁଡ଼ିକ ବ୍ୟତୀତ ଅନ୍ୟ ପ୍ରମୁଖ ପକ୍ଷୀ ଅଭୟାରଣ୍ୟଗୁଡ଼ିକ ହେଉଛି– ବେଦାନ୍ତଗଲ ପକ୍ଷୀ ଅଭୟାରଣ୍ୟ (ତାମିଲନାଡୁ), କୁମାରାକୋମ ପକ୍ଷୀ ଅଭୟାରଣ୍ୟ (କେରଳ) ଏବଂ ସଲିମ ଅଲ୍ଲୀ ପକ୍ଷୀ ଅଭୟାରଣ୍ୟ (ଗୋଆ)।



# ଓଜୋନସ୍ତର

ଓଜୋନସ୍ତର ଆମ ବାୟୁମଣ୍ଡଳର ପୃଥିବୀପୃଷ୍ଠରୁ ୧୦ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର୍) ମଧ୍ୟରେ ରହିଛି। ପୃଥିବୀପୃଷ୍ଠରେ ଓଜୋନର ପରିମାଣ ବହୁତ କମ୍, କିନ୍ତୁ ବାୟୁମଣ୍ଡଳର ୯୦% ଓଜୋନ ଷ୍ଟ୍ରାଟୋସ୍ଫିୟର୍‌ରେ ହିଁ ରହିଛି। ଷ୍ଟ୍ରାଟୋସ୍ଫିୟର୍‌ରେ ଥିବା ଓଜୋନସ୍ତର ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣୀ ରଶ୍ମି ପ୍ରଭାବରୁ ଆମକୁ ରକ୍ଷା କରେ। ଏହା ସହ ବାୟୁମଣ୍ଡଳରୁ ବିଷାକ୍ତ କଣିକା ଦୂର କରିବାରେ ମଧ୍ୟ ସାହାଯ୍ୟ କରେ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ୍ ଆଣ୍ଟାର୍କଟିକା ସର୍ଭେରେ ପ୍ରକାଶ ପାଇଥିଲା। ଓଜୋନ ହୋଲ୍ ପ୍ରଥମେ ନୋବେଲ ପୁରସ୍କାର ବିଜେତା ଶେର୍‌ଉଡ୍ ରୋଲ୍ୟାଣ୍ଡ ଠାବ କରିଥିଲେ। ହେଲେ, ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଲା ପରେ ଜାତିସଂଘ ଏହା ଉପରେ ଗୁରୁତ୍ୱ ଦେଇଥିଲା। ଅତ୍ୟଧିକ ରାସାୟନିକ ପଦାର୍ଥ ବ୍ୟବହାର ତଥା କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହେବା ଦ୍ୱାରା ବାୟୁମଣ୍ଡଳର ଉପର ଓ ନିମ୍ନ ସ୍ତରରେ ଥିବା ଓଜୋନ ସ୍ତରରେ କ୍ଷତି ହେଉଛି। ଆମେ ବ୍ୟବହାର କରୁଥିବା ବହୁ ରାସାୟନିକ ପଦାର୍ଥ ମୁଖ୍ୟତଃ କ୍ଲୋରିନ୍ ଓ ବ୍ରୋମିନ୍ ଥିବା ମିଥାଇଲ୍ ବ୍ରୋମାଇଡ୍, ମିଥାଇଲ୍ କ୍ଲୋରୋଫର୍ମ, କାର୍ବନ ଟେଟ୍ରାକ୍ଲୋରାଇଡ୍ ଦ୍ୱାରା ଓଜୋନ ସ୍ତର କ୍ଷତି ହେବା ସହ କ୍ଲୋରୋଫ୍ଲୋରୋକାର୍ବନ୍ସ ଓ ହାଇଡ୍ରୋକ୍ଲୋରୋ-ଫ୍ଲୋରୋକାର୍ବନ୍ସ ବି ଓଜୋନ ସ୍ତରକୁ ଦୁର୍ବଳ କରୁଛି।




# ବ୍ଲାକ୍ ବକ୍ସ




ଏବେ ଗମନାଗମନର ଦ୍ରୁତତ୍ତମ ମାଧ୍ୟମ ଭିତରେ ଉଡ଼ାଜାହାଜ ସେବା ଅନ୍ୟତମ। କେବଳ ସରକାରୀ ବିମାନ ନୁହେଁ, ଅନେକ ଘରୋଇ ସଂସ୍ଥା ବିମାନ ଏଭଳି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯେତେବେଳେ କୌଣସି ଉଡ଼ାଜାହାଜର ଦୁର୍ଘଟଣା ଘଟେ, ସେତେବେଳେ ଖୋଜାପଡ଼େ ବ୍ଲାକ୍ ବକ୍ସ। ହେଲେ କାହିଁକି ? ଏଥିରେ ଏଭଳି କ'ଣ ଥାଏ ଯେ, ତାହାକୁ ଖୋଜି ଠାବ କରାଯାଏ ? ବ୍ଲାକ୍ ବକ୍ସ ହେଉଛି ଏକ ଇଲେକ୍‌ଟ୍ରୋନିକ ରେକର୍ଡିଂ ସିଷ୍ଟମ। ଏହାର ଅନ୍ୟ ଏକ ନାମ ରହିଛି। ତାହା ହେଲା 'ଫ୍ଲାଇଟ୍ ଡାଟା ରେକର୍ଡର'। ଗୋଟିଏ ଉଡ଼ାଜାହାଜରେ ଦୁଇଟି ବ୍ଲାକ ବକ୍ସ ରହିଥାଏ। ଗୋଟିଏ ବିମାନର ଆଗପଟରେ ଏବଂ ଦ୍ୱିତୀୟଟି ପଛ ପଟରେ ସଂଯୋଗ କରାଯାଇଥାଏ। ବିମାନ ଦୁର୍ଘଟଣାଗ୍ରସ୍ତ ହେଲେ ଏଥିରେ ପୂର୍ବରୁ ଘଟିଥିବା ଘଟଣାବଳୀ ରେକର୍ଡିଂ ହୋଇ ରହିଥାଏ। ସେଗୁଡ଼ିକୁ ବିଶ୍ଳେଷଣ କରି ଦୁର୍ଘଟଣାର କାରଣ ନିର୍ଣ୍ଣୟ କରାଯାଏ। ଏହି ବ୍ଲାକ୍ ବକ୍ସରେ ବିମାନର ଗତି, ଇନ୍ଧନ ଏବଂ କ୍ୟାବିନ୍ ଭିତରେ ତାପମାତ୍ରା ମଧ୍ୟ ରେକର୍ଡିଂ ହୋଇଥାଏ। ଖାସ୍ କଥା ହେଲା, ଗୋଟିଏ ବ୍ଲାକ୍ ବକ୍ସ ୨୫ ଘଣ୍ଟା ପର୍ଯ୍ୟନ୍ତ ରେକର୍ଡିଂ କରିବାର କ୍ଷମତା ରହିଛି। ତା'ସହ ଏହା ଦଶ ଘଣ୍ଟା ପର୍ଯ୍ୟନ୍ତ ୨୬୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଏବଂ ଏକ ଘଣ୍ଟା ପର୍ଯ୍ୟନ୍ତ ୧୧,୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ସହ୍ୟ କରିପାରେ।

# ଏଲିଫାଣ୍ଟା ଗୁମ୍ଫା

ଭାରତରେ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି। ସେ ମଧ୍ୟରୁ ଏଲିଫାଣ୍ଟା ଗୁମ୍ଫା ଅନ୍ୟତମ। ଏଲିଫାଣ୍ଟା ଗୁମ୍ଫା ମହାରାଷ୍ଟ୍ରର ମୁମ୍ବାଇ ଗେଟ୍‌ୱେ ଅଫ୍ ଇଣ୍ଡିଆଠାରୁ ଅଳ୍ପ ଦୂରରେ ଅବସ୍ଥିତ। ଏହାକୁ 'ଧାରାପୁରୀ' ମଧ୍ୟ କୁହାଯାଏ। ଏଲିଫାଣ୍ଟା ପର୍ତ୍ତୁଗାଲଙ୍କ ଦ୍ୱାରା ପଥରରେ ଖୋଦିତ ହୋଇଥିବା ହାତୀ କାରଣରୁ ଏହାକୁ ଏପରି ନାମକରଣ କରାଯାଇଛି। ଏହି ଗୁମ୍ଫାକୁ ୧୯୮୭ରେ ବିଶ୍ୱର ଏକ ପ୍ରମୁଖ ସ୍ଥଳ ରୂପେ ବିବେଚନା କରାଯାଇଥିଲା। ଏଠାରେ ଅନେକ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ରହିଛି। ଏହି ମୂର୍ତ୍ତିଗୁଡ଼ିକ ପାହାଡ଼କୁ କାଟି ନିର୍ମାଣ କରାଯାଇଛି। ଏଲିଫାଣ୍ଟା ଦ୍ୱୀପରେ ଦୁଇଟି ମୁଖ୍ୟ ପାହାଡ଼ ରହିଛି। ଏହାର ନାମ ରହିଛି ଗନ ହିଲ ଏବଂ ସ୍ତୂପ୍ ହିଲ୍। ସ୍ତୂପ୍ ହିଲ୍ କୁହାଯିବାର କାରଣ ଏଠାରେ ବୌଦ୍ଧ ସ୍ତୂପର ଅବଶେଷକୁ ରଖାଯାଇଥିବାରୁ ତାହାକୁ 'ସ୍ତୂପ ହିଲ୍' ବୋଲି ନାମକରଣ କରାଯାଇଛି। ଏହି ଗୁମ୍ଫା ମଧ୍ୟରେ ପ୍ରାୟ ୨୬ଟି ସ୍ତମ୍ଭ ରହିଛି। କଥିତ ଅଛି, ରାଷ୍ଟ୍ରକୂଟ ରାଜାଙ୍କ ଦ୍ୱାରା ପାଖାପାଖି ଗତ ଶତାବ୍ଦୀର ଅଶୀ ଦଶକରେ ଏହାର ସନ୍ଧାନ ମିଳିଥିଲା।






# ଆ ଇ ନା



ଅନିଶା ଭୋଇ
୫ ବର୍ଷ / ବଲାଙ୍ଗୀର



ଶୟବୀ ହୋତା
୫ ବର୍ଷ / ଭୁବନେଶ୍ୱର